# NATIONAL NEWS BULLETIN (ODIA)

## 26 June 2026

## Morning Bulletin : 7.15 A.M.

******************************

## ମୁଖ୍ୟ ସମ୍ବାଦ

- ବିପର୍ଯ୍ୟୟ ସମୟରେ ଏକ ଆତ୍ମନିର୍ଭର ଦେଶ ଅର୍ଥନୈତିକ ସ୍ଥିରତା ବଜାୟ ରଖିବା ଦିଗରେ ଅଧିକ ସକ୍ଷମ, କହିଲେ ରାଷ୍ଟ୍ରପତି ।
- ନିଶାଦ୍ରବ୍ୟ ସମନ୍ୱୟ କେନ୍ଦ୍ରର ଦଶମ ସର୍ବୋଚ୍ଚ ସ୍ତରୀୟ ବୈଠକରେ ଆଜି ଅଧ୍ୟକ୍ଷତା କରିବେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ପଶ୍ଚିମ ଏସିଆ ବିବାଦ ଜନିତ ଆର୍ଥିକ ପ୍ରଭାବ ସତ୍ତ୍ୱେ ଭାରତ ବିଶ୍ୱସ୍ତରରେ ଅର୍ଥନୈତିକ ଅଭିବୃଦ୍ଧିର ଏକ ପ୍ରମୁଖ ମାର୍ଗ ଦର୍ଶକ ବୋଲି ଆଇ.ଏମ୍.ଏଫ୍.ର ମତବ୍ୟକ୍ତ ।
- ଭେଞ୍ଜୁଆଲା ଭୂକମ୍ପ ଜନିତ ମୃତ୍ୟୁ ସଂଖ୍ୟା ୧୮୮କୁ ବୃଦ୍ଧି ।

ଏବଂ

- ଭାରତ-ଆୟରଲାଣ୍ଡ ପ୍ରଥମ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ଆଜି ଖେଳାଯିବ ବେଲ୍‌ଫାଷ୍ଟରେ ।

# ପ୍ରେଜ୍-ମିଲେଟାରୀ ଅଫିସର୍

ବିପର୍ଯ୍ୟୟ ସମୟରେ ଏକ ଆତ୍ମନିର୍ଭର ଦେଶ ଅର୍ଥନୈତିକ ସ୍ଥିରତା ବଜାୟ ରଖିବା ଦିଗରେ ଅଧିକ ସକ୍ଷମ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମତବ୍ୟକ୍ତ କରିଛନ୍ତି । ଗତକାଲି ନୂଆଦିଲ୍ଲୀ ସ୍ଥିତ ରାଷ୍ଟ୍ରପତି ଭବନରେ ୨୦୨୩ ଓ ୨୦୨୪ ବ୍ୟାଚ୍‌ର ସାମରିକ ଇଞ୍ଜିନିୟରିଂ ସେବାର ତାଲିମ୍ ନେଉଥିବା ଅଧିକାରୀମାନଙ୍କୁ ସମ୍ବୋଧନ କରି ସେ ଏହା କହିଛନ୍ତି । ରାଷ୍ଟ୍ରପତି କହିଛନ୍ତି, ଆତ୍ମନିର୍ଭରତା ବର୍ତ୍ତମାନ ରାଷ୍ଟ୍ରଗୁଡ଼ିକ ଲାଗି ଏକ ରଣନୈତିକ ଆବଶ୍ୟକତାରେ ପରିଣତ ହୋଇଛି । ଆତ୍ମନିର୍ଭର ଦେଶ ବିପର୍ଯ୍ୟୟ ସମୟରେ ମଧ୍ୟ ବିକାଶ ମୂଳକ କାର୍ଯ୍ୟ ଉପରେ ପ୍ରାଧାନ୍ୟ ଦେଇ ପଦକ୍ଷେପ ନେଇଥାଏ । ଅପରେସନ ସିନ୍ଦୂର ସମୟରେ ଏହା ଅଧିକ ସ୍ପଷ୍ଟ ହୋଇଛି ବୋଲି ସେ ମତବ୍ୟକ୍ତ କରିଛନ୍ତି ।

ଶ୍ରୀମତୀ ମୁର୍ମୁ ଅପରେସନ୍ ସିନ୍ଦୂର ସମୟରେ ଭାରତର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ପ୍ରତିରକ୍ଷା କ୍ଷମତା, ଆଧୁନିକ ଜ୍ଞାନକୌଶଳ ତଥା ଘରୋଇ ଶିଳ୍ପ ଭିତ୍ତିଭୂମି ଗୁଡ଼ିକର କାର୍ଯ୍ୟକ୍ଷମତାର ସଠିକ୍ ପ୍ରସ୍ତୁତି ତଥା ରଣନୈତିକ ସମୟୋପଯୋଗୀ ପଦକ୍ଷେପ ଉପରେ ଆଲୋକପାତ କରିଛନ୍ତି । ରାଷ୍ଟ୍ରପତି କହିଛନ୍ତି, ସାମରିକ ଇଞ୍ଜିନିୟରିଂ ସେବାର ଅଧିକାରୀମାନେ ଦେଶର ପ୍ରତିରକ୍ଷା ଭିତ୍ତିଭୂମିର ମେରୁଦଣ୍ଡକୁ ଅଧିକ ସଶକ୍ତ କରିବାରେ ସହାୟକ ହୋଇଥାନ୍ତି । ଏହି ଅଧିକାରୀମାନଙ୍କର ଦକ୍ଷତା, ଉତ୍ସର୍ଗୀକୃତ ସେବା ତଥା କଠିନ ପରିଶ୍ରମ ମାଧ୍ୟମରେ ସମଗ୍ର

ସେନାବାହିନୀ ଦେଶକୁ ଉପଯୁକ୍ତ ସୁରକ୍ଷା ଦେବାରେ ସକ୍ଷମ ହୋଇଥାନ୍ତି ବୋଲି ସେ କହିଛନ୍ତି ।

## ଶାହା-ଏନ୍‌ସିବି

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ନୂଆଦିଲ୍ଲୀଠାରେ ନିଶାଦ୍ରବ୍ୟ ସମନ୍ୱୟ କେନ୍ଦ୍ରର ଦଶମ ସର୍ବୋଚ୍ଚ ସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିବେ । ଏ ସମ୍ପର୍କରେ ସୂଚନା ଦେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି, ଦେଶ ବ୍ୟାପି ନିଶାଦ୍ରବ୍ୟ ଚାଲାଣ ତଥା ବେଆଇନ୍ କାରବାର ବିରୁଦ୍ଧରେ ଲଢ଼େଇକୁ ଅଧିକ ସଶକ୍ତ କରିବା ସହିତ ଏ ଦିଗରେ ନିଆଯାଉଥିବା ପଦକ୍ଷେପ ଗୁଡ଼ିକର ସମୀକ୍ଷା କରିବା ଲାଗି ଏହି ବୈଠକ ଆୟୋଜିତ ହେଉଛି ।

ନିଶାଦ୍ରବ୍ୟ ନିୟନ୍ତ୍ରଣ ବ୍ୟୁରୋ ପକ୍ଷରୁ ଆୟୋଜିତ ଏହି ବୈଠକରେ ବିଭିନ୍ନ କେନ୍ଦ୍ରୀୟ ମନ୍ତ୍ରଣାଳୟ, ରାଜ୍ୟ ସରକାର ଏବଂ ନିଶା ଆଇନ୍ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକ ଏକତ୍ରିତ ହୋଇ ଏହି ପ୍ରସଙ୍ଗରେ ଆଲୋଚନା କରିବେ । ଏହି ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଆସନ୍ତା ୩ ବର୍ଷ ଲାଗି ନିଶାଦ୍ରବ୍ୟ ନିୟନ୍ତ୍ରଣ ସମ୍ପର୍କିତ ଭିଜନ୍ ଡକ୍ୟୁମେଣ୍ଟ ଉନ୍ମୋଚନ କରିବେ । ଏ

କ୍ଷେତ୍ରରେ ସମ୍ପୃକ୍ତ ବିଭିନ୍ନ ପକ୍ଷଙ୍କ ସହିତ ବିସ୍ତୃତ ଆଲୋଚନା କରାଯାଇ ଏହି ଭିଜନ୍ ଡକ୍ୟୁମେଣ୍ଟ ପ୍ରସ୍ତୁତ କରାଯାଇଛି ।

ଚାହିଦା ଓ ଯୋଗାଣ ହ୍ରାସ ଏବଂ ପୁନର୍ବାସ ଉପରେ ଅଧିକ ଧ୍ୟାନ ଦେଇ ନିଶାଦ୍ରବ୍ୟ କାରବାରକୁ କିଭଳି ନିୟନ୍ତ୍ରଣ କରାଯାଇପାରିବ ସେଥିଲାଗି ଏହି ଡକ୍ୟୁମେଣ୍ଟରେ ରୋଡ୍ ମ୍ୟାପ୍ ପ୍ରସ୍ତୁତ ହୋଇଛି । ଏହି ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଏନ୍.ସି.ବି.ର ୨୦୨୫ ବର୍ଷ ଲାଗି ବାର୍ଷିକ ରିପୋର୍ଟ୍ ଉନ୍ମୋଚନ କରିବା ସହିତ ଜାମ୍ମୁ ଓ ଗୁଆହାଟୀ ଲାଗି ନବନିର୍ମିତ ଏନ୍.ସି.ବି. କ୍ଷେତ୍ରୀୟ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିବେ । ଏତଦ୍‌ବ୍ୟତୀତ ଶ୍ରୀ ଶାହା ଏକ ଅନ୍‌ଲାଇନ୍ ପାକ୍ଷିକ ଅଭିଯାନର ଶୁଭାରମ୍ଭ କରିବେ, ଯାହା ଅଧୀନରେ ଦେଶ ବ୍ୟାପି ଜବତ ହୋଇଥିବା ପ୍ରାୟ ୬ ହଜାର କୋଟି ଟଙ୍କା ମୂଲ୍ୟର ୨ ଲକ୍ଷ କିଲୋଗ୍ରାମରୁ ଊର୍ଦ୍ଧ୍ୱ ନିଶାଦ୍ରବ୍ୟଗୁଡ଼ିକୁ ଆଇନ୍ ଅନୁଯାୟୀ ନଷ୍ଟ କରାଯିବ ।

ନିଶାଦ୍ରବ୍ୟ କାରବାର ପ୍ରତି କେନ୍ଦ୍ର ସରକାରଙ୍କ ଶୂନ୍ୟ ସହନଶୀଳତା ନୀତିର ଦୃଢ଼ କାର୍ଯ୍ୟକାରିତା ତଥା ଏକ ନିଶାମୁକ୍ତ ଭାରତ ଗଠନ ଉଦ୍ଦେଶ୍ୟରେ ଏହି ବୈଠକ ଆୟୋଜନ କରାଯାଇଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି ।

# ଆଇଏମ୍‌ଏଫ୍

ଇରାନ୍ ବିବାଦ ଏବଂ ଶକ୍ତି କ୍ଷେତ୍ରରେ ମୂଲ୍ୟ ବୃଦ୍ଧିର ଅର୍ଥନୈତିକ ପ୍ରଭାବ ସତ୍ତ୍ୱେ ଭାରତ ବିଶ୍ୱସ୍ତରରେ ଅର୍ଥନୈତିକ ଅଭିବୃଦ୍ଧିର ଏକ ପ୍ରମୁଖ ମାର୍ଗ ଦର୍ଶକ ବୋଲି ଆନ୍ତର୍ଜାତିକ ମୁଦ୍ରାପାଣ୍ଠି – ଆଇ.ଏମ୍.ଏଫ୍. କହିଛି । ଗତକାଲି ଆଇ.ଏମ୍.ଏଫ୍. ପକ୍ଷରୁ କରାଯାଇଥିବା ନିୟମିତ ସାମ୍ବାଦିକ ସମ୍ମିଳନୀରେ ଏହାର ଯୋଗାଯୋଗ ବିଭାଗର ନିର୍ଦ୍ଦେଶକ ଜୁଲି କୋଜାକ୍ ଏହି ମତବ୍ୟକ୍ତ କରିଛନ୍ତି । ସେ କହିଛନ୍ତି, ବାହ୍ୟ ପ୍ରତିବନ୍ଧକ ସତ୍ତ୍ୱେ ଭାରତର ଅର୍ଥନୀତି ସ୍ଥିର ରହିଛି ଏବଂ ଘରୋଇ ଚାହିଦା ମଧ୍ୟ ସମାନ୍ତରାଳ ଭାବେ ବଜାୟ ରହିଛି । ୨୦୨୬-୨୭ ଆର୍ଥିକ ବର୍ଷରେ ଭାରତର ଅର୍ଥନୀତି ୬ ଦଶମିକ୍ ୫ ପ୍ରତିଶତ ବୃଦ୍ଧି ପାଇବ ବୋଲି ଆଇ.ଏମ୍.ଏଫ୍. ଆକଳନ କରିଛି । ମଧ୍ୟପ୍ରାଚ୍ୟରେ ବର୍ତ୍ତମାନ ଯୁଦ୍ଧ ବିରତି ସହିତ ହର୍ମୁଜ୍ ପ୍ରଣାଳୀକୁ ପୁନଃ ଖୋଲାଯିବା ଦିଗରେ ନିଆଯାଉଥିବା ପଦକ୍ଷେପ ଯୋଗୁଁ ବିଶ୍ୱସ୍ତରରେ ଅର୍ଥନୀତି ଉପରେ ଏକ ସକାରାତ୍ମକ ପ୍ରଭାବ ପଡ଼ିବ ବୋଲି ଆଇ.ଏମ୍.ଏଫ୍. ଆଶାବ୍ୟକ୍ତ କରିଛି ।

# ପିଏମ୍-ସେଶେଲସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲିଠାରୁ ତିନି ଦିନିଆ ସେଶେଲସ୍‌ର ଗସ୍ତ କରିବେ । ଏହି ଅବସରରେ ଶ୍ରୀ ମୋଦୀ

ସେଶେଲସ୍‌ର ଜାତୀୟ ଦିବସର ସୁବର୍ଣ୍ଣ ଜୟନ୍ତୀ ପୂର୍ତ୍ତି ଉତ୍ସବରେ ସମ୍ମାନୀୟ ଅତିଥି ଭାବେ ଯୋଗଦେବେ । ପ୍ରଧାନମନ୍ତ୍ରୀ ୨୦୧୫ ମସିହାରେ ସେଶେଲସ୍ ଗସ୍ତ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମ୍ପର୍କରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି, ସେଶେଲସ୍‌ର ସୁବର୍ଣ୍ଣ ଜୟନ୍ତୀ ପାଳନ ମହୋତ୍ସବରେ ଦୁଇଟି ଭାରତୀୟ ନୌଜାହାଜ ସମେତ ପ୍ରତିରକ୍ଷା ବାହିନୀର ଏକ କଣ୍ଟିଜେଣ୍ଟ ଯୋଗଦେବ ।

ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସେଶେଲସ୍‌ର ରାଷ୍ଟ୍ରପତି ଡକ୍ଟର ପ୍ୟାଟ୍ରିକ୍ ହର୍‌ମିନିଙ୍କ ସହିତ ବୈଠକ କରିବେ । ଉଭୟ ନେତାଙ୍କ ମଧ୍ୟରେ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ, ଆଞ୍ଚଳିକ ଓ ଆନ୍ତର୍ଜାତିକ ପ୍ରସଙ୍ଗ ସମେତ ଦ୍ୱିପାକ୍ଷିକ ସହଯୋଗ ସମ୍ପର୍କର ବିଭିନ୍ନ ଦିଗରେ ଆଲୋଚନା ହେବ । ପ୍ରଧାନମନ୍ତ୍ରୀ ସେଶେଲସ୍‌ର ଜାତୀୟ ଆସେମ୍ବ୍ଲିରେ ଉଦ୍‌ବୋଧନ ଦେବା ସହିତ ସେଠାରେ ରହୁଥିବା ଭାରତୀୟଙ୍କ ସହ ଭାବ ବିନିମୟ କରିବେ ।

## ମହରମ

ଆଜି ଦେଶ ବ୍ୟାପି ଆଶୁରା-ଏ-ମହରମ୍ ଶ୍ରଦ୍ଧାର ସହ ପାଳନ କରାଯାଉଛି । ଏହି ଦିନଟି ପ୍ରଫେଟ୍ ମହମ୍ମଦ୍‌ଙ୍କ ନାତି ହଜରତ୍ ଇମାମ୍ ହୁସେନ ଓ ତାଙ୍କ ସାଥିମାନେ ସତ୍ୟ, ଧର୍ମ ଏବଂ ନ୍ୟାୟକୁ ବଜାୟ ରଖିବା

ଲାଗି ନିଜ ଜୀବନ ଉତ୍ସର୍ଗ କରିଥିବା ଘଟଣାକୁ ସ୍ମରଣ କରାଇଥାଏ । ଏହି ଅବସରରେ ତାଜିଆ ଶୋଭାଯାତ୍ରା ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେବ ।

## ଭେଞ୍ଜୁଆଲା ଆର୍ଥକ୍ୱେକ୍

ଭେଞ୍ଜୁଆଲା ଭୂକମ୍ପରେ ମୃତ୍ୟୁ ସଂଖ୍ୟା ୧୮୮କୁ ବୃଦ୍ଧି ପାଇଛି ବୋଲି ଜାତୀୟ ଆସେମ୍ବ୍ଲିର ସଭାପତି ଜର୍ଜ୍ ରୋଡ୍ରିଗିଜ୍ ଘୋଷଣା କରିଛନ୍ତି । ଏଥିସହିତ ଆହତଙ୍କ ସଂଖ୍ୟା ୧ହଜାର ୫୨୦କୁ ବୃଦ୍ଧି ପାଇଥିବା ବେଳେ ୨୦୦ ଜଣ ଭଗ୍ନାବଶେଷ ତଳେ ରହିଯାଇଥିବା ସେ କହିଛନ୍ତି । ଶ୍ରୀ ରୋଡ୍ରିଗିଜ୍ କହିଛନ୍ତି, ଲଗାତର ଭାବେ ଅନୁଭୂତ ହୋଇଥିବା ଭୂକମ୍ପର ତୀବ୍ରତା ୭ ଦଶମିକ୍ ୨ ଏବଂ ୭ ଦଶମିକ୍ ୫ ହୋଇଥିଲା ।

ଏଥିରେ ପ୍ରା ୨ହଜାର ୯୨୭ ପରିବାର ନିଜର ବାସଗୃହ ହରାଇଛନ୍ତି । ଗତ ଶତାବ୍ଦୀରୁ ଅଧିକ ସମୟ ମଧ୍ୟରେ ହୋଇଥିବା ଭୂକମ୍ପଗୁଡ଼ିକ ଭିତରେ ଏହା ସବୁଠାରୁ ଶକ୍ତିଶାଳୀ ବୋଲି ଆକଳନ କରାଯାଇଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଷ୍ଟ୍ରପତି ଡେଲ୍‌ସି ରୋଡ୍ରିଗିଜ୍ ସେଠାରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି । ଜାତି ଉଦ୍ଦେଶ୍ୟରେ ସମ୍ବୋଧନ କରି ଶ୍ରୀ ରୋଡ୍ରିଗିଜ୍ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସମସ୍ତ ପ୍ରକାର ଅଣଅତ୍ୟାବଶ୍ୟକ ସେବା ଗୁଡ଼ିକୁ ବାତିଲ କରିଛନ୍ତି ।

ଭାରତ ପକ୍ଷରୁ ସମସ୍ତ ପ୍ରକାର ଆବଶ୍ୟକ ସହାୟତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରତିଶ୍ରୁତି ଦେଇଛନ୍ତି ।

ରାଷ୍ଟ୍ରପତି ରୋଡ୍ରିଗିଜ୍’ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ସହାୟତାପୂର୍ଣ୍ଣ ବାର୍ତ୍ତା ପାଇଁ ପ୍ରଶଂସା କରିଛନ୍ତି । ଏହି ଆହ୍ୱାନପୂର୍ଣ୍ଣ ସମୟ ଭିତରେ ଭାରତ ଏବଂ ଭେଞ୍ଜୁଆଲା ମଧ୍ୟରେ ଲୋକସମ୍ପର୍କ ସହଯୋଗର ଭାବନା ଉପରେ ପରିବେଷ୍ଟିତ ବୋଲି ରାଷ୍ଟ୍ରପତି ରୋଡ୍ରିଗିଜ୍ କହିଛନ୍ତି ।

## ଏମ୍‌ଇଏ-ପାସ୍‌ପୋର୍ଟ୍

ସରକାର ପାସ୍‌ପୋର୍ଟ୍ ଆବେଦନ ଲାଗି ଶୁଳ୍କ ବୃଦ୍ଧି କରିଛନ୍ତି । ଏହାଦ୍ୱାରା ୩୬ ପୃଷ୍ଠାର ନୂତନ ପାସ୍‌ପୋର୍ଟ୍ କିମ୍ବା ପାସ୍‌ପୋର୍ଟ୍ ପୁନଃ ପ୍ରଦାନ ପାଇଁ ଏଣିକି ୨୫୦୦ ଟଙ୍କା ଦେବାକୁ ପଡ଼ିବ । ପାସ୍‌ପୋର୍ଟ୍ ସଂଶୋଧନ ନିୟମ ୨୦୨୬ ଅଧୀନରେ କରାଯାଇଥିବା ଏହି ନିଷ୍ପତ୍ତି ଆସନ୍ତା ମାସ ୧ ତାରିଖରୁ କାର୍ଯ୍ୟକାରି କରାଯିବ । ଏ ସମ୍ପର୍କରେ ଏକ ବିଜ୍ଞପ୍ତି ପ୍ରକାଶ କରି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ନୂତନ ନିୟମ ଅନୁଯାୟୀ ତତ୍‌କାଳ ଅଧୀନରେ ଏକ ନୂତନ ପାସ୍‌ପୋର୍ଟ୍ କିମ୍ବା ପାସ୍‌ପୋର୍ଟ୍ ପୁନଃ ପ୍ରଦାନ ଲାଗି ୫ ହଜାର ଟଙ୍କା ଦେବାକୁ ପଡ଼ିବ । ସେହିଭଳି ୬୦ ପୃଷ୍ଠାର ସାଧାରଣ ପାସ୍‌ପୋର୍ଟ୍ କିମ୍ବା ଏହାର ପୁନଃ ପ୍ରଦାନ ଲାଗି ୩ ହଜାର ୫୦୦ ଟଙ୍କା ଏବଂ ତତ୍‌କାଳ ଅଧୀନରେ ଏଥିଲାଗି ୬

ହଜାର ଟଙ୍କା ଏଣିକି ଦେବାକୁ ପଡ଼ିବ । ବର୍ତ୍ତମାନ ୩୬ ପୃଷ୍ଠାର ପାସ୍‌ପୋର୍ଟ୍ ଲାଗି ୧୫୦୦ ଟଙ୍କା ଏବଂ ୬୦ ପୃଷ୍ଠାର ପାସ୍‌ପୋର୍ଟ୍ ୨ ହଜାର ଟଙ୍କା ଦେବାକୁ ପଡୁଛି ।

# ଟି-୨୦

ଭାରତ-ଆୟରଲାଣ୍ଡ ପ୍ରଥମ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ଆଜି ବେଲ୍‌ଫାଷ୍ଟ ଠାରେ ଖେଳାଯିବ । ଭାରତୀୟ ସମୟ ସନ୍ଧ୍ୟା ୬ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ଆସନ୍ତା ରବିବାର ଦିନ ଭାରତ ଆୟରଲାଣ୍ଡ ବିପକ୍ଷରେ ଦ୍ୱିତୀୟ ତଥା ଚୂଡ଼ାନ୍ତ ଟି-ଟ୍ୱେଣ୍ଟି ମ୍ୟାଚ୍ ଖେଳିବ । ଏହାପରେ ଶ୍ରେୟସ୍ ଆୟରଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ୍ ଦଳ ଇଂଲଣ୍ଡ ଗସ୍ତ କରିବେ । ସେଠାରେ ୫ ମ୍ୟାଚ୍ ବିଶିଷ୍ଟ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ ସିରିଜ୍ ଖେଳାଯିବ । ଏହି ସିରିଜ୍ ଆସନ୍ତା ମାସ ୧ ତାରିଖରୁ ଆରମ୍ଭ ହେବ । ପରେ ପରେ ଭାରତ-ଇଂଲଣ୍ଡ ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ଆନ୍ତର୍ଜାତିକ ସିରିଜ୍ ମଧ୍ୟ ଖେଳାଯିବାର କାର୍ଯ୍ୟସୂଚୀ ରହିଛି ।

# ଟି-୨୦ ଡବ୍ଲ୍ୟୁସି-ରେଜଲ୍ଟ

ଆଇସିସି ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍ ଟୁର୍ଣ୍ଣାମେଣ୍ଟରେ ଗ୍ରୁପ୍-ଏ'ରେ ଏକ ମ୍ୟାଚ୍‌ରେ ଭାରତ' ବାଂଲାଦେଶକୁ ୫ ଓ୍ୱିକେଟ୍‌ରେ ପରାସ୍ତ କରିଛି । ଇଂଲଣ୍ଡର ମଞ୍ଚେଷ୍ଟରଠାରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ବାଂଲାଦେଶ ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଓ୍ୱିକେଟ୍ ହରାଇ ୧୩୬ରନ୍ କରିଥିଲା । ୧୩୭ରନ୍ ବିଜୟ ଲକ୍ଷ୍ୟର ପିଛା କରି ଭାରତ ୧୬ ଓଭର ୫ଟି ବଲ୍‌ରେ ୫ଓ୍ୱିକେଟ୍ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିଥିଲା । ଭାରତ ପକ୍ଷରୁ ସେଫାଲି ବର୍ମା ୩୪ଟି ବଲ୍‌ରୁ ୫୩ରନ୍ କରିବା ସହିତ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ।

ଗ୍ରୁପ୍-ଏ'ର ଅନ୍ୟ ଏକ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକ' ନେଦରଲ୍ୟାଣ୍ଡସ୍‌କୁ ୮୮ରନ୍‌ରେ ପରାସ୍ତ କରିଛି ।

# ଫିଫା

ଫିଫା ବିଶ୍ୱକପ୍‌ରେ ଗତକାଲି ଗ୍ରୁପ୍-ଇ'ର ଏକ ମ୍ୟାଚ୍‌ରେ ଆଇଭରିକୋଷ୍ଟ' କ୍ୟୁରାକାଓକୁ ୨-୦ ଗୋଲ୍‌ରେ ପରାସ୍ତ କରିଛି । ଅନ୍ୟ ଏକ ମ୍ୟାଚ୍‌ରେ ଇକ୍ୟୁଡର୍' ଜର୍ମାନୀକୁ ୨-୧ ଗୋଲ୍‌ରେ ପରାସ୍ତ କରିଥିବା

ବେଳେ ଦକ୍ଷିଣ ଆଫ୍ରିକା’ ଦକ୍ଷିଣ କୋରିଆ ବିପକ୍ଷରେ ୧-୦ ଗୋଲ୍‌ରେ ବିଜୟୀ ହୋଇଛି ।

## ବ୍ୟାଡ୍‌ମିଣ୍ଟନ୍

ୟୁଏସ୍ ଓପନ୍ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟରେ ଭାରତର ତିନି ଜଣ ଖେଳାଳି ସିଙ୍ଗଲ୍ସ ପ୍ରି’ କ୍ୱାର୍ଟର୍ ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି । ମହିଳା ସିଙ୍ଗଲ୍ସ ବର୍ଗରେ ତନ୍‌ଭୀ ଶର୍ମା’ ଜର୍ମାନର ୟୁଭୋନି ଲିଙ୍କୁ ୨୩-୨୧ ଓ ୨୧-୧୬ ସେଟ୍‌ରେ ଏବଂ ଦେବୀକା ଶିହାଗ’ ପେରୁର ଲୁସିଆ କାଷ୍ଟିଲୋଙ୍କୁ ୨୧-୧୪ ଓ ୨୧-୧୪ ସେଟ୍‌ରେ ପରାସ୍ତ କରିଛନ୍ତି ।

ଅନ୍ୟ ପକ୍ଷରେ ପୁରୁଷ ସିଙ୍ଗଲ୍ସ ବର୍ଗରେ କିଦାମ୍ବୀ ଶ୍ରୀକାନ୍ତ ଏସ୍. ଦୟାନନ୍ଦଙ୍କୁ ୨୧-୧୪ ଓ ୨୧-୧୨ରେ ପରାସ୍ତ କରିଛନ୍ତି ।